**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**10 January - 2025**

*********************************

## ରାଷ୍ଟ୍ରପତି - ପ୍ରବାସୀ ଭାରତୀୟ ଦିବସ

ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ତ୍ରି-ଦିବସୀୟ ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପ୍ରବାସୀ ଭାରତୀୟମାନଙ୍କୁ ସମ୍ବୋଧନ କରିବେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେତେ ଜଣ ପ୍ରବାସୀ ଭାରତୀୟଙ୍କୁ ରାଷ୍ଟ୍ରପତି ସମାରୋହର ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ କରିବେ । ଆଜିର ପୂର୍ବାହ୍ନ ଅଧିବେଶନରେ ନାରୀଙ୍କ ଶକ୍ତି ଏବଂ ପ୍ରଭାବର ଉତ୍ସବ ଏବଂ ସଂସ୍କୃତି ସମ୍ପର୍କ ଓ ଆତ୍ମୀୟତାର ଗାଥା ଉପରେ ଆଲୋଚନା ହେବ । ଉଦ୍‌ଯାପନୀ ଉତ୍ସବ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ରମନ୍ତ୍ରୀ ଡକ୍ଟର ଏସ୍ ଜୟଙ୍କର, ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, କୀର୍ତ୍ତିବର୍ଦ୍ଧନ ସିଂହ ଏବଂ ପବିତ୍ର ମାର୍ଗେରିଟା ଉପସ୍ଥିତ ରହିବେ ।

## ଅରବିନ୍ଦ ପାଢ଼ୀ-ପ୍ରବାସୀ ଭାରତୀୟ ଦିବସ

ରାଜ୍ୟର କଳାସଂସ୍କୃତି, ଐତିହ୍ୟ ଓ ବୟନଶିଳ୍ପକୁ ବିଦେଶରେ ସମୃଦ୍ଧ କରାଇବା ପାଇଁ ପ୍ରବାସୀ ଦିବସ ପାଳନ ଏକ ଉତ୍ତମ ମାଧ୍ୟମ ବୋଲି ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି ।

**V/o-**

# ହାଇକୋର୍ଟ ମୁଖ୍ୟ ବିଚାରପତି-ଗଞ୍ଜାମ ଗସ୍ତ

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣସିଂହ ଗତକାଲି ଦିନିକିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ବ୍ରହ୍ମପୁର ଜିଲ୍ଲା ଦୌରା ଜଜ୍ କୋର୍ଟ ବୁଲି ଦେଖିଥିଲେ । ଜିଲ୍ଲା ଜଜ୍ ଏବଂ ଓକିଲ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ସହିତ ବ୍ରହ୍ମପୁରଠାରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଜୁଡିସିଆଲ କମ୍ପ୍ଲେକ୍ସ କୋଠାର ନକ୍ସାକୁ ଅନୁଧ୍ୟାନ କରିଥିଲେ । ଜିଲ୍ଲା କୋର୍ଟ ପରିସରରେ ୪ ମହଲା ବିଶିଷ୍ଟ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ପାଇଁ ସରକାରୀ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି ।

# ରାସନ କାର୍ଡ଼ - କେ.ୱାଇ.ସି.

ରାଜ୍ୟରେ ଥିବା ହିତାଧିକାରୀମାନେ ଆସନ୍ତା ୩୧ ସୁଦ୍ଧା ଇ-କେୱାଇସି ନ କଲେ ରାସନ କାର୍ଡ କଟିଯିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ମନ୍ତ୍ରୀ କହିଛନ୍ତି, ଗତକାଲିସୁଦ୍ଧା ୪୯ ଲକ୍ଷ ହିତାଧିକାରୀ ଇ-କେୱାଇସି କରି ନାହାନ୍ତି । ଇ-କେ.ୱାଇ.ସି. ପ୍ରକ୍ରିୟା ଶେଷ ହେବା ପରେ ହିତାଧିକାରୀମାନଙ୍କୁ ନୂଆ ରାସନ କାର୍ଡ଼ ମିଳିବ ବୋଲି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।

# ହିନ୍ଦୀ ଦିବସ

ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ହିନ୍ଦୀ ଦିବସ ଭାବେ ପାଳନ କରାଯାଉଛି । ହିନ୍ଦୀ ଭାଷା ସାଧାରଣ ଭାବରେ

ସରଳ ସମୃଦ୍ଧ ଭାଷା ହୋଇଥିବାରୁ ବିଶ୍ୱର ସବୁଠାରୁ ଅଧିକ କୁହାଯାଉଥିବା ୫ଟି ଭାଷା ମଧ୍ୟରେ ହିନ୍ଦୀ ଭାଷା ସ୍ଥାନ ପାଇଛି । ୧୯୭୫ ମସିହାରେ ଆଜିର ଦିନରେ ନାଗପୁରରେ ଅନୁଷ୍ଠିତ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀରେ ବିଶ୍ୱ ହିନ୍ଦୀ ଦିବସ ପାଳନ ପାଇଁ ପ୍ରସ୍ତାବ ହୋଇଥିଲା । ଭାରତ ସରକାର ୨୦୦୬ ମସିହାରୁ ପ୍ରତ୍ୟେକ ବର୍ଷ ଜାନୁଆରୀ ମାସ ୧୦ ତାରିଖକୁ ବିଶ୍ୱ ହିନ୍ଦୀ ଦିବସ ଭାବେ ପାଳନ କରୁଛନ୍ତି । ଭାରତ ବ୍ୟତୀତ ମରିସସ୍, ଫିଜି, ସୁରିନାମ, ଗୁଆନା, ତ୍ରିନିଦାଦ ଏବଂ ନେପାଳରେ ହିନ୍ଦୀ ଭାଷାକୁ କଥିତ ଭାଷା ଭାବରେ ବ୍ୟବହାର କରାଯାଇଥାଏ । ଚଳିତବର୍ଷର ବିଶ୍ୱ ହିନ୍ଦୀ ଦିବସର ବାର୍ତ୍ତା ହେଉଛି 'ଏ ଗ୍ଲୋବାଲ ଭଏସ ଅଫ୍ ୟୁନିଟି ଅଫ୍ କଲ୍‌ଚରାଲ ପ୍ରାଇଡ' ବା ସାଂସ୍କୃତିକ ଗର୍ବର ଏକତାର ବିଶ୍ୱସ୍ତରୀୟ ସ୍ୱର ।

## କୁମ୍ଭୀର ଗଣନା ଶେଷ

ବୌଦ୍ଧ ଜିଲ୍ଲା ସାତକୋଶିଆ ଗଣ୍ଡରେ ୧୯ଟି କୁମ୍ଭୀର ଥିବା ଜଣାପଡିଛି । ବନବିଭାଗ ପକ୍ଷରୁ କରାଯାଇଥିବା କୁଶଙ୍ଗ ରେଞ୍ଜ ଅଧୀନରେ ମାରଡାଠାରୁ ଶୀତଳପାଣି, ହରଭଙ୍ଗା, ଅଏଡା ପର୍ଯ୍ୟନ୍ତ ଗଣନାକାରୀ ୩ଟି ଟିମ୍‌ରେ କୁମ୍ଭୀର ଗଣନା କରାଯାଇଥିଲା । ସେହିଭଳି ଗଞ୍ଜାମ ଜିଲ୍ଲାର ଘୋଡାହାଡ ଡ୍ୟାମ୍ ଏବଂ ଏହା ନିକଟବର୍ତ୍ତୀ ଜଳାଶୟ ଗୁଡ଼ିକରେ ୮୭ଟି କୁମ୍ଭୀର ଥିବା ଗଣନାରୁ ଜଣାପଡିଛି ।

## ଓଏସ୍‌ଏସ୍‌ଟିଇଟି ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ଯୋଗ୍ୟତା ପରୀକ୍ଷା ଓଏସ୍‌ଏସ୍‌ଟିଇଟି ୨୦୨୪ ଚଳିତମାସ ୧୭

ତାରିଖରେ ହେବ । ପ୍ରଥମ ସିଟିଂ ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ଣ ସାଢ଼େ ୧୨ଟା ପର୍ଯ୍ୟନ୍ତ ଚାଲିବ ଏବଂ ଦ୍ୱିତୀୟ ସିଟିଂ ଅପରାହ୍ଣ ୨ଟାରୁ ଆରମ୍ଭ ହୋଇ ୪ଟାରେ ଶେଷ ହେବ । ଏହି ପରୀକ୍ଷା ପାଇଁ ମୋଟ୍ ୫୦ହଜାର ୫୮୭ଜଣ ପ୍ରାର୍ଥୀ ନାମ ପଞ୍ଜିକରଣ କରିଛନ୍ତି । ରାଜ୍ୟର ୧୮୩ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି ।

## ହକି ଇଣ୍ଡିଆ ଲିଗ୍

ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଖେଳାଯାଇଥିବା ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଆଜି ଶ୍ରଚି ରାଢ ବେଙ୍ଗଲ ଟାଇଗର୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଗତକାଲି ସଂଧ୍ୟାରେ ଖେଳାଯାଇଥିବା ପୁରୁଷ ବର୍ଗରେ କଳିଙ୍ଗ ଲାନ୍ସର୍ସ ୨-୧ ଗୋଲ୍‌ରେ ଗୋନାସିକାକୁ ପରାସ୍ତ କରି ବିଜୟୀ ହୋଇଛି । କଳିଙ୍ଗ ଲାନ୍ସର୍ସ ୫ଟି ମ୍ୟାଚ୍‌ରୁ ମୋଟ୍ ୭ ପଏଣ୍ଟ ପାଇଥିବାବେଳେ ଗୋନାସିକା ଦଳ ୪ ପଏଣ୍ଟ ପାଇଛି ।

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତାକାଲି ପର୍ଯ୍ୟନ୍ତ ଶୀତର ପ୍ରଭାବ ସାଙ୍ଗକୁ କୁହୁଡି ଜାରି ରହିବ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ରବିବାର ପରଠାରୁ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ଏବଂ ଥଣ୍ଡାର ପରିମାଣ କମିବ । ବିଶେଷକରି ଉପକୂଳ ଓ ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳ ଗୁଡ଼ିକରେ ତାପମାତ୍ରା ବୃଦ୍ଧି ପାଇବ । ଗତ ୨୪ଘଣ୍ଟା ମଧ୍ୟରେ କନ୍ଧମାଳ

ଜିଲ୍ଲାର ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୫ ଦଶମିକ ୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଆସନ୍ତା କାଲି ସକାଳ ସୁଦ୍ଧା ସୁନ୍ଦରଗଡ, କନ୍ଧମାଳ, କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଘନକୁହୁଡିର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ କହିଛି ।